# NATIONAL NEWS BULLETIN (ODIA)

## 27th February - 2025

## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଦେଶର ବିକାଶଯାତ୍ରାରେ ନୂଆ ଅଧ୍ୟାୟ ସୃଷ୍ଟିର ବାର୍ତ୍ତା ପ୍ରଦାନ କରିଛି ଚଳିତ ବର୍ଷର ମହାକୁମ୍ଭ ମେଳା; କହିଲେ ପ୍ରଧାନମନ୍ତ୍ରୀ ।

- ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଲେ ୟୁରୋପୀୟ କମିଶନ୍'ର ଅଧ୍ୟକ୍ଷ ।

— ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ସହ କରିବେ ଆଲୋଚନା ।

- ତିରୁଚିରାପଲ୍ଲୀଠାରେ ବିଜ୍ଞାନଭିତ୍ତିକ ବିକଶିତ ଭାରତ ସଚେତନତା ର୍‍ୟାଲିକୁ ଉଦ୍‌ଘାଟନ କଲେ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ।

- ଦିଲ୍ଲୀ ବିଧାନସଭାର ଉପବାଚସ୍ପତି ହେଲେ ବି.ଜେ.ପି.ର ମୋହନ ସିଂହ ବିଷ୍ଟ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ବାତିଲ୍ ହେଲା ଆଜିର ମ୍ୟାଚ୍ ।

## ପି.ଏମ୍. - ମହାକୁମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦିବ୍ୟ, ଭବ୍ୟ ମହାକୁମ୍ଭ ମେଳା ହଜାର ବର୍ଷ ଲାଗି ଭାରତର ଜାତୀୟ ଚେତନାକୁ ବଳଶାଳୀ କରିପାରିଛି ଏବଂ ଏହା ଦେଶ ଓ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଛି । ଶ୍ରୀ ମୋଦି କହିଛନ୍ତି, ଦୀର୍ଘ ୧୪୪ ବର୍ଷ ପରେ ଚଳିତ ଥର ମହାକୁମ୍ଭ ହୋଇଛି ଏବଂ ଭାରତର ବିକାଶଯାତ୍ରାରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟିର ବାର୍ତ୍ତା ପ୍ରଦାନ କରିଛି । ଏନେଇ ଶ୍ରୀ ମୋଦି ତାଙ୍କର ଭାବନାକୁ ଏକ ବ୍ଲଗ୍ ମାଧମରେ ଶେୟାର୍ କରିଛନ୍ତି । ମହାକୁମ୍ଭରେ ଦେଶବିଦେଶର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା ।

ଏହା ପ୍ରୟାଗରାଜଠାରେ ଏକତାର ମହାକୁମ୍ଭ ବୋଲି ଶ୍ରୀ ମୋଦି କହିଛନ୍ତି, ଯେଉଁଠାରେ ୧୪୦ କୋଟି ଭାରତୀୟ ଗୋଟିଏ ସ୍ଥାନରେ ଏକ ସମୟରେ ସମବେତ ହୋଇପାରିଥିଲେ । ଗଙ୍ଗା, ଯମୁନା, ସରସ୍ୱତୀର ମିଳନସ୍ଥଳ ସଙ୍ଗମରେ ଶ୍ରଦ୍ଧାଳୁମାନଙ୍କର ବୁଡ଼ ପକାଇବା ସେମାନଙ୍କର ଏକାନ୍ତ କାମ୍ୟ ଥିଲା ବୋଲି ଶ୍ରୀ ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀ ଆଶା ପ୍ରକଟ କରି

କହିଛନ୍ତି, ଏହି ଏକତାର ମହାକୁମ୍ଭ ଦେଶକୁ ବିକଶିତ ଭାରତ ଦିଗରେ ଆଗେଇ ନେବା ଲାଗି ନୂତନ ସଙ୍କଳ୍ପ ସୃଷ୍ଟି କରିବ । ଏକତା ସୂତ୍ରରେ ବାନ୍ଧିହୋଇ ନୀତି ଓ ଆଦର୍ଶରେ ଆଗେଇ ନେବାକୁ ଶ୍ରୀ ମୋଦି ପ୍ରତ୍ୟେକଙ୍କୁ ଆହ୍ୱାନ ଦେଇଛନ୍ତି ।

## ପ୍ରେଜ୍ ଇ.ୟୁ. - ଇଣ୍ଡିଆ

ୟୁରୋପୀୟ କମିଶନ୍'ର  ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡର୍ ଲିଏନ୍ ଆଜି ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ବିମାନବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ । ଶ୍ରୀମତୀ ଉର୍ସୁଲା ଆଜି ସନ୍ଧ୍ୟାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର' ୟୁରୋପ୍ ସହ ଭାରତର ସମ୍ପର୍କ କ୍ଷେତ୍ରରେ ଶ୍ରୀମତୀ ଉର୍ସୁଲାଙ୍କ ଚିନ୍ତାଧାରାକୁ ଭୂୟସୀ ପ୍ରଶଂସା କରିଛନ୍ତି । ୟୁରୋପୀୟ ସଂଘର କମିଶନର୍‌ମାନଙ୍କ ଭାରତ ଗସ୍ତ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ୟୁରୋପୀୟ ଆୟୋଗ ଅଧ୍ୟକ୍ଷଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ୨୭ରୁ ୨୨ଟି ୟୁରୋପୀୟ ସଂଘର କମିଶନର୍ ଭାରତକୁ ଦୁଇଦିନିଆ ଗସ୍ତରେ ଆସିଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ପ୍ରତିନିଧିସ୍ତରୀୟ ଆଲୋଚନା ଯୋଗୁଁ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ହୋଇପାରିବ । ୨୦୦୪ ମସିହାରେ ଭାରତ ଓ ୟୁରୋପ ମଧ୍ୟରେ ରଣନୈତିକ ଭାଗିଦାରୀ ସମ୍ପର୍କ ବଜାୟ ରହିଛି । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ବ୍ୟାପକ ଏବଂ ଗଭୀର ହେବାର ଆଶା କରାଯାଉଛି ।

## ରେଡ୍ଡି - କୋଲ୍ ରୋଡ୍ ଶୋ'

କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଆସନ୍ତାକାଲି ମୁମ୍ବାଇରେ ଏକ ରୋଡ ଶୋ'ରେ ଅଂଶଗ୍ରହଣ କରିବେ । କୋଇଲା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ରୋଡ ଶୋ'ରେ କୋଇଲା କ୍ଷେତ୍ରରେ ନିବେଶ ଏବଂ ବାଣିଜ୍ୟିକ କୋଇଲା ଖଣି ନିଲାମ ସମ୍ପର୍କିତ ପ୍ରଦର୍ଶନ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭାଗିଦାରୀ, ଉଦ୍ୟୋଗୀ ଏବଂ ନିବେଶକମାନେ ଅଂଶଗ୍ରହଣ କରିବେ ।

କୋଇଲା ମନ୍ତ୍ରଣାଳୟର ସଚିବ ବିକ୍ରମ ଦେବଦତ୍ତ, ଅତିରିକ୍ତ ସଚିବ ରୂପିନ୍ଦର ବରାର ଏବଂ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ରୋଡ ଶୋ'ରେ ସାମିଲ ହେବେ । ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ଏହି ରୋଡ ଶୋ' ରାଷ୍ଟ୍ରବ୍ୟାପୀ ପୁଞ୍ଜିନିବେଶକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଅଭିଯାନର ଅଂଶବିଶେଷ । ଏହା ମାଧ୍ୟମରେ ମନ୍ତ୍ରଣାଳୟର ସ୍ୱଚ୍ଛ, ନିବେଶକ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାର ଆଶା ରହିଛି ।

## ଚେନ୍ନାଇ - ସି.ଭି. ରମଣ ବାର୍ଥଡେ

କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ୍ ମାଣ୍ଡଭୀୟ ଆଜି ତିରୁଚିରାପଲ୍ଲୀଠାରେ ବିଜ୍ଞାନ ବିକଶିତ ଭାରତ ସମ୍ପର୍କିତ ସଚେତନତା ର୍ୟାଲିକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ବୈଜ୍ଞାନିକ ସାର୍ ସି.ଭି. ରମଣ' "ରମଣ ରଶ୍ମି" ଆବିଷ୍କାର କରିଥିବା ପରିପ୍ରେକ୍ଷୀରେ ଆସନ୍ତାକାଲି ଜାତୀୟ ବିଜ୍ଞାନ ଦିବସ ଦେଶବ୍ୟାପୀ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି ତିରୁଚିଲ୍ଲାପଲ୍ଲୀଠାରେ ବିଜ୍ଞାନ ସଚେତନତା ର୍ୟାଲି ଆୟୋଜିତ ହୋଇଛି । କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ତିରୁଚିଲ୍ଲାପଲ୍ଲୀସ୍ଥିତ ନ୍ୟାସନାଲ୍ ସ୍କୁଲ୍ ପଡ଼ିଆରେ ଅନୁଷ୍ଠିତ

ହୋଇଛି । ଏନ୍.ଆଇ.ଟି. ତ୍ରିଚିର ନିର୍ଦ୍ଦେଶକ ଡକ୍ଟର ଆଘିଲା ଏହି ର୍‍ୟାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଏନ୍.ଏସ୍.ଏସ୍.ର ୪ ହଜାର ଛାତ୍ରଛାତ୍ରୀ ଏବଂ ଏନ୍.ୱାଇ.କେ.ଏସ୍.ର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ ।

## ଶାହା - ଏମ୍.ପି.

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ସତନା ଜିଲ୍ଲାର ଚିତ୍ରକୂଟରେ ଭାରତରତ୍ନ ନାନାଜି ଦେଶମୁଖଙ୍କ ପଞ୍ଚଦଶତମ ପୁଣ୍ୟତିଥିରେ ସାମିଲ ହୋଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଶ୍ରୀ ଶାହା ସମାଜ ସଂସ୍କାରକ ନାନାଜୀ ଦେଶମୁଖଙ୍କ ଅବଦାନକୁ ପ୍ରଶଂସା କରି କହିଛନ୍ତି, ଏହି ମହାନ୍ ବ୍ୟକ୍ତିଙ୍କ ଅବଦାନ ଯୋଗୁଁ ଗୋଟିଏ ଯୁଗର ପରିବର୍ତ୍ତନ ହୋଇପାରିଛି । କଳା, ରାଜନୀତି, ଶିକ୍ଷା ଏବଂ ସେବା କ୍ଷେତ୍ରରେ ନାନାଜୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ଦିଲ୍ଲୀ ଆସେମ୍ବ୍ଲି - ପ୍ୟାକ୍

ଦିଲ୍ଲୀ ବିଧାନସଭାର ପବ୍ଲିକ୍ ଆକାଉଣ୍ଟ୍ କମିଟି ପୂର୍ବ ଆପ୍ ସରକାରଙ୍କ ଅବକାରୀ ନୀତିର ସି.ଏ.ଜି. ରିପୋର୍ଟକୁ ପରୀକ୍ଷା ନିରୀକ୍ଷା କରିବ । ସି.ଏ.ଜି.

ରିପୋର୍ଟରେ ୨୦୨୧ ମସିହାରେ ଲାଗୁ ହୋଇଥିବା ମଦ ନୀତି ଯୋଗୁଁ ରାଜସ୍ୱ କ୍ଷତି ପରିମାଣ ୨ ହଜାର କୋଟି ଟଙ୍କା ହୋଇଥିଲା ବୋଲି ଦର୍ଶାଯାଇଥିଲା । ବି.ଜେ.ପି. ବିଧାୟକମାନେ ଏହି ଘଟଣାର ତଦନ୍ତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି  ଦାବି କରିବା ଯୋଗୁଁ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା ଏହି ଘୋଷଣା କରିଛନ୍ତି । ଆସନ୍ତା ୩ ମାସ ମଧ୍ୟରେ କମିଟି ତା'ର ରିପୋର୍ଟ ପ୍ରଦାନ କରିବ ବୋଲି ଶ୍ରୀ ଗୁପ୍ତା କହିଛନ୍ତି ।  ବାଚସ୍ପତି' ଦିଲ୍ଲୀ ବିଧାନସଭା ସଚିବଙ୍କୁ ସି.ଏ.ଜି. ରିପୋର୍ଟକୁ ଦିଲ୍ଲୀ ଅବକାରୀ ବିଭାଗକୁ ପଠାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏକମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି ।

ଅଧିବେଶନର ତୃତୀୟ ଦିନରେ ସର୍ବସମ୍ମତିକ୍ରମେ ଛଅ ଥର ବିଧାୟକ ହୋଇଥିବା ମୋହନ ସିଂହ ବିଷ୍ଟ ଆଜି ଦିଲ୍ଲୀ ବିଧାନସଭାରେ ନୂତନ ଉପବାଚସ୍ପତି ଭାବେ ମନୋନୀତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଉପବାଚସ୍ପତି ପଦପାଇଁ ଶ୍ରୀ ବିଷ୍ଟଙ୍କ ନାମ ପ୍ରସ୍ତାବ ଦେଇଥିଲେ । ସୂଚନାଯୋଗ୍ୟ, ଶ୍ରୀ ବିଷ୍ଟ ଆପ୍‌ର ଅଦିଲ୍ ଅହମ୍ମଦ ଖାଁଙ୍କୁ ମୁସ୍ତାଫାବାଦ ନିର୍ବାଚନ ମଣ୍ଡଳିରୁ ୧୭ ହଜାର ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ ।

# ବିହାର ମିନିଷ୍ଟର ପୋର୍ଟ ଫୋଲିଓ

ବିହାରରେ ଗତକାଲି ନୀତିଶ କୁମାର ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇଥିବା ୭ ଜଣ ନୂଆ ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି । ସଞ୍ଜୟ ସରାଓଗିଙ୍କୁ ରାଜସ୍ୱ ଓ ଭୂସଂସ୍କାର ବିଭାଗ, ଡକ୍ଟର ସୁନିଲ୍ କୁମାରଙ୍କୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ଏବଂ ଜିବେଶ କୁମାରଙ୍କୁ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ରାଜୁ କୁମାର ସିଂହଙ୍କୁ ପର୍ଯ୍ୟଟନ, ମୋତିଲାଲ୍ ପ୍ରସାଦଙ୍କୁ କଳା, ସଂସ୍କୃତି ଏବଂ ଯୁବବ୍ୟାପାର ବିଗାଗ, ବିଜୟ କୁମାର ନନ୍ଦଙ୍କୁ ବିପର୍ଯ୍ୟୟ ପରିଚାଳନା, କ୍ରିଷ୍ଣାକୁମାର ମଣ୍ଟୁଙ୍କୁ ସୂଚନା ଓ ପ୍ରଯୁକ୍ତି ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କୁ କୃଷି ଏବଂ ଖଣି ଓ ଭୂବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ପ୍ରାଣୀମିତ୍ର ଆଣ୍ଡ ଜୀବଦୟା ଆୱାର୍ଡ଼

ମତ୍ସ୍ୟ ଓ ପ୍ରାଣୀସମ୍ପଦ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂ ବାଘେଲ୍ ଏବଂ ଜର୍ଜ କୁରିଆନ୍ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ବିଜେତାମାନଙ୍କୁ ପ୍ରାଣୀମିତ୍ର ଏବଂ ଜୀବେଦୟା ପୁରସ୍କାର ପ୍ରଦାନ କରିଛନ୍ତି । ଶ୍ରୀ ବାଘେଲ କହିଛନ୍ତି, ଏହି

ପୁରସ୍କାର ଲୋକମାନଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ସହ ପ୍ରାଣୀମାନଙ୍କ ପ୍ରତି ଦୟା ମନୋଭାବ ସୃଷ୍ଟି ଲାଗି ପ୍ରୋତ୍ସାହନ ଯୋଗାଇ ଦେବ ।

ପ୍ରାଣୀକଲ୍ୟାଣ ଏବଂ ପ୍ରାଣୀ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଏବଂ ସଙ୍ଗଠନଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପ୍ରାଣୀମିତ୍ର ପୁରସ୍କାରରେ ୫ଟି ଉପବିଭାଗ ରହିଛି । ସେହିପରି ଜୀବେଦୟା ପୁରସ୍କାର ପ୍ରଦାନ କରାଯିବାକୁ ଥିବା ୩ଟି ଉପବିଭାଗ ମଧ୍ୟରେ ବ୍ୟକ୍ତିବିଶେଷ, ପ୍ରାଣୀମଙ୍ଗଳ ସଙ୍ଗଠନ, ବିଦ୍ୟାଳୟ, ଶିକ୍ଷକ ଏବଂ ପିଲାମାନେ ରହିଛନ୍ତି ।

## ଟ୍ରମ୍ପ୍-ଇଣ୍ଡିଆନ୍ସ-ସିଟିଜେନସିପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ ଏକ ନୂଆ 'ଗୋଲ୍ଡ କାର୍ଡ୍' ପଦକ୍ଷେପର ଶୁଭାରମ୍ଭ କରିଛନ୍ତି । ବିଦେଶରୁ ବିଶେଷକରି ଭାରତରୁ ଆନ୍ତର୍ଜାତିକ ସ୍ତରରେ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ନିଜ ଦେଶକୁ ଆକୃଷ୍ଟ କରିବା ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ହାର୍ଭାର୍ଡ୍, ଷ୍ଟାନ୍‌ଫୋର୍ଡ଼ ଭଳି ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଏବଂ ବିଦେଶରୁ ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କୁ ଆମେରିକାରେ ରହି କାମ କରିବାକୁ ଏହା ସୁଯୋଗ ପ୍ରଦାନ

କରିବ । ଏଥିନିମନ୍ତେ ସେମାନଙ୍କୁ ୫୦ ଲକ୍ଷ ଡଲାର ଫି' ଦେବାକୁ ପଡ଼ିବ । ବିଦେଶୀମାନେ ଆମେରିକାରେ ନାଗରିକତ୍ୱ ହାସଲ କରିବାରେ ଏହି ଯୋଜନା ସହାୟକ ହେବ । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ସମ୍ପ୍ରତି ଦେଶରେ ଚାଲିଥିବା ଦେଶାନ୍ତର ବ୍ୟବସ୍ଥା ଯୋଗୁଁ ଆନ୍ତର୍ଜାତିକ ସ୍ତରୀୟ ପ୍ରତିଭାବାନ୍ ବ୍ୟକ୍ତିବିଶେଷଙ୍କ ଦକ୍ଷତାକୁ ସଙ୍କୁଚିତ କରାଯାଇଛି । ପ୍ରସ୍ତାବିତ ଗୋଲ୍ଡ୍ କାର୍ଡ଼ ଯୋଗୁ ଆମେରିକୀୟ କମ୍ପାନୀମାନେ ବିଭିନ୍ନ ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଆସୁଥିବା ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେଇପାରିବେ । ଆଶାୟୀ ଯୁବଗୋଷ୍ଠୀ ଏହି ଗୋଲ୍ଡ୍ କାର୍ଡ଼ କିଣି ଆମେରିକୀୟ କମ୍ପାନୀଗୁଡ଼ିକରେ କର୍ମଯୁକ୍ତି ପାଇପାରିବେ । ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଗୋଲ୍ଡ୍ କାର୍ଡ଼ ବିକ୍ରି ହେବାର ଆଶା କରାଯାଉଛି । ଇନ୍‌ଭେଷ୍ଟର ଭିସା EB-5 ବଦଳରେ ଏହି ନୂତନ ଗୋଲ୍ଡ୍ କାର୍ଡ଼ ପ୍ରଚଳନ କରାଯିବ । ସୂଚନାଯୋଗ୍ୟ, ୧୯୯୦ ମସିହା ଆମେରିକାରେ ଇନ୍‌ଭେଷ୍ଟର ଭିସା ପ୍ରଚଳିତ ହୋଇ ଆସୁଛି ।

## ଆଇ.ସି.ସି. ଚାମ୍ପିୟନ୍‌ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍ ବାତିଲ୍ ହୋଇଛି । ରାଉଲ୍‌ପିଣ୍ଡିଠାରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍ ବର୍ଷାଯୋଗୁଁ ବାତିଲ୍

ହୋଇଛି । ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଛନ୍ତି । ସୂଚନାଯୋଗ୍ୟ, ଗ୍ରୁପ୍-ଏ’ ପର୍ଯ୍ୟାୟର ଭାରତ ଓ ନ୍ୟୁଜିଲାଣ୍ଡ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛନ୍ତି ।

## ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍ ବାତିଲ୍ ହୋଇଛି । ରାଉଲପିଣ୍ଡିଠାରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍ ବର୍ଷାଯୋଗୁଁ ବାତିଲ୍ ହୋଇଛି । ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ହାସଲ କରିଛନ୍ତି । ସୂଚନାଯୋଗ୍ୟ, ଗ୍ରୁପ୍-ଏ’ ପର୍ଯ୍ୟାୟର ଭାରତ ଓ ନ୍ୟୁଜିଲାଣ୍ଡ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛନ୍ତି ।

*****